ଧରିତ୍ରୀ
DHARITRI
ଶନିବାର, ୧୮ ଜୁନ୍, ୨୦୨୨



## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବକ ମୃତ

**୪ ମାସରେ ୩ ଜଣଙ୍କ ମୃତ୍ୟୁ**

ଗୁଣପୁର,୧୭।୬(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ହାତୀ ଆକ୍ରମଣରେ ପୁଣି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟଲଣା ପଞ୍ଚାୟତ ରେଗିଡିଗର୍ଜାଂର ଇରିଣ୍ଡ ଶବର(୩୦)। ଇରିଣ୍ଡ ସବୁ ଦିନ ପରି ସ୍ତ୍ରୀଙ୍କ ସହ ଜଙ୍ଗଲକୁ କାମ ପାଇଁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଇରିଣ୍ଡ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ହାତୀ ତାଙ୍କୁ ଦଳି ମାରିଦେଇଥିଲା ବୋଲି ଇରିଣ୍ଡଙ୍କ ସ୍ତ୍ରୀ ମିନତି ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଖବର ପାଇ ଗୁଣପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଡେପୁଟି ରେଞ୍ଜର ନୀଳମାଧବ ପାଢ଼ୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସେଠାରେ ତାଙ୍କ ମୃତ ଦେହ ରହିଥିବାବେଳେ ଶନିବାର ଗୁଣପୁର ଅଣାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ଡେପୁଟି ରେଞ୍ଜର କହିଛନ୍ତି। ଗତ ଏପ୍ରିଲ ୫ରେ ମଧ ଗୁଣପୁରସହର ନିକଟ ଇରିଗେସନ କଲୋନିର ରମେଶ ଗୌଡ଼(୪୫)ମଇଁଷି ଚରାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ସେହିଭଳି ମାର୍ଚ୍ଚ ୨୩ ରେ ଚାଲକମ୍ବା ଗ୍ରାମର ଗଦାଧର ସେନାପତିଙ୍କ ରୁପାପଦରରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ୪ ମାସ ମଧ୍ୟରେ ଗୁଣପୁର ଅଞ୍ଚଳରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଲାଣି। ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ଗୁଟ୍‌ଖା ଜବତ, ୩ ଗିରଫ

ଗୁଣପୁର,୧୭।୬(ଡି.ଏନ୍.ଏ.)- ଗୁଟ୍‌ଖା କାରବାର ଅଭିଯୋଗରେ ରାୟଗଡ଼ା ଜିଲା ଗୁଣପୁର ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ଜେକେପୁର ଅଞ୍ଚଳରୁ ଗୁଣପୁରର ବିକ୍ରମପୁରକୁ ଗୁଟ୍‌ଖା ଆସୁଥିବାବେଳେ ପୋଲିସ ସୂଚନା ପାଇ ଗାଡ଼ିକୁ ଜବତ କରିଥିଲା। ସେଥିରୁ ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁଟ୍‌ଖା ଜବତ କରାଯାଇଛି। ଗୁଟ୍‌ଖା କାରବାରରେ ବ୍ୟବହୃତ ବୋଲେରୋ ପିକ୍‌ଅପ୍ ଭ୍ୟାନ୍‌କୁ ମଧ ପୋଲିସ ଜବତ କରିଛି।

### ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ବ୍ୟାଟେରି, କଣ୍ଟ୍ରୋଲ କାର୍ଡ ଚୋରି

ଦୁର୍ଗୀ,୧୭।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ଗୁରୁବାର ରାତିରେ ୨୪ ଟି ବ୍ୟାଟେରି ଏବଂ ଏକ୍ସଚେଞ୍ଜରେ ବ୍ୟବହାର ହେଉଥିବା ଲ୍ୟାଣ୍ଡଲାଇନ କଣ୍ଟ୍ରୋଲ କାର୍ଡ ଚୋରି ହୋଇଥିବା ଅଭିଯୋଗ ହୋଇଛି।



ଏହାଦ୍ୱାରା ବିଦ୍ୟୁତ୍ କାଟ ହେଲେ ନେଟ୍‌ୱର୍କ ସମସ୍ୟା ହେବା ସହ ବ୍ରଡ୍‌ବ୍ୟାଣ୍ଡ ସେବାରେ ମଧ ବ୍ୟାହତ ହେଉଛି। ସୂଚନା ଅନୁଯାୟୀ, ଏକ୍ସଚେଞ୍ଜ୍‌ର ଅପରେଟର ଶୁକ୍ରବାର ସକାଳେ ବାହାର ଲାଇଟ୍ ବନ୍ଦ କରିବାକୁ ଆସିଥିବାବେଳେ ତାଲା ଭାଙ୍ଗି କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଚୋରି ହୋଇଥିବା ଜଣାପଡ଼ିବା ପରେ ବିଏସ୍‌ଏନ୍‌ଏଲ୍ କମ୍ପାନୀର ଗୁଣପୁର ଏସ୍‌ଡିଓଟି ଅଶୋକ କୁମାର ସାମନ୍ତରାୟ ଓ ଦୁର୍ଗୀ ଏକ୍ସଚେଞ୍ଜ ଅପରେଟର ଶଶିଧର ଗୌଡ଼ ବିଷମକଟକ ଥାନାରେ ଏତଲା ଦେଇଛନ୍ତି। ତେବେ ଏହି ଚୋରିରେ ବାହାର ରାଜ୍ୟର ଟେକ୍ନିସିଆନ ରହିଥିବା ଅଞ୍ଚଳବାସୀ ଅନୁମାନ କରୁଛନ୍ତି। ପୂର୍ବରୁ ମଧ ଅଞ୍ଚଳରୁ କେତୋଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ଉମରକୋଟ ଥାନାରେ ନୂତନ ଆଇଆଇସି



ଉମରକୋଟ, ୧୭।୬(ସ୍ୱ.ପ୍ର.)- ଉମରକୋଟ ଥାନାର ନୂତନ ଆଇଆଇସି ଭାବେ ଦୀପକ କୁମାର ଜେନା ଯୋଗ ଦେଇଛନ୍ତି। ସେ ଏଥିପୂର୍ବରୁ ଯାଜପୁର ଜିଲାରେ ଥିଲେ। ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ସମସ୍ୟାକୁ ନିୟନ୍ତ୍ରଣ, ଆଇନ ଶୃଙ୍ଖଳାକୁ ବଜାୟ ରଖିବା ଓ ଜନସାଧାରଣଙ୍କ ଅସ୍ଥା ଭାଜନ ହୋଇ କାମ କରିବା ପ୍ରାଥମିକତା ରହିବ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ ସେ କହିଛନ୍ତି। ଏଥିରେ ସେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି।

# ଭୁଲ୍ ଲୁଚାଇବାକୁ ଭାଜପା କଂଗ୍ରେସକୁ ବଦନାମ କରୁଛି

ନବରଙ୍ଗପୁର,୧୭।୬(ବି.ପ୍ର.)



ଜିଲା ଡାକଘର ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇଛି।

କଂଗ୍ରେସ ନେତା ତଥା ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କୁ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଦ୍ୱାରା ଦୀର୍ଘ ଦିନ ଧରି ଜେରାକୁ କଂଗ୍ରେସ ଅଗଣତାନ୍ତ୍ରିକ ବୋଲି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଏଆଇସିସି ଓ ପିସିସିର ଡାକରାରେ ସମଗ୍ର ଦେଶରେ ପ୍ରତିବାଦ କାର୍ଯ୍ୟକ୍ରମ ଚାଲିଛି। ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ସହ ଜିଲା ଡାକଘର ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଜିଲାର ସମସ୍ତ ୧୦ ବ୍ଲକ ଓ ୨ ପୌର ପରିଷଦ ଅଞ୍ଚଳର ଶତାଧିକ ଦଳୀୟ କର୍ମୀ, ନବ ନିର୍ବାଚିତ ସମସ୍ତ ସଭାପତି ଏକଜୁଟ ହୋଇ ଜିଲା ମଧ୍ୟଦେଇ ଯାଇଥିବା ୨୬ ନଂ. ରାଜପଥ ରେ ଏକ ବିଶାଳ ଶୋଭାଯାତ୍ରା କରି ଶାସ୍ତ୍ରୀ ମାର୍ଗ, ମହାତ୍ମା ଗାନ୍ଧି ମାର୍ଗ, ପରେ ବି.ଆର୍. ଆମ୍ବେଦକର ମାର୍ଗ ଦେଇ ଜିଲା ଡାକ ଘର ସମ୍ମୁଖରେ ପହଞ୍ଚିଥିଲେ। ଏଠାରେ ଧାରଣାରେ ବସିଥିବା ସମସ୍ତ ନେତା କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଯଥା ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବା, ଚାକିରିର ମିଥ୍ୟା ପ୍ରତିଶ୍ରୁତି, ବିଦେଶରେ ଗଚ୍ଛିତ କଳାଧନ ଆଣି ଭାରତୀୟଙ୍କ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ଲେଖାଏ ପଠାଇବା, ଚାଷୀଙ୍କ ହିତ ପାଇଁ ନୂତନ ଯୋଜନା ଆଦିକୁ ନେଇ ସମାଲୋଚନା କରିଥିଲେ।

ନିଜ ଭୁଲକୁ ଲୁଚାଇବାକୁ ଯାଇ ଭାଜପା ଦେଶରେ କଂଗ୍ରେସକୁ ବଦନାମ କରିବାକୁ ଉଦ୍ୟମ ଚଳାଇଛି ବୋଲି ଦଳ ଅଭିଯୋଗ କରିଛି। ନିଜ ସରକାର ଦ୍ୱାରା ପରିଚାଳିତ ଇଡି ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ଅଗଣତାନ୍ତ୍ରିକ ଭାବେ ଜେରାକୁ ଦୃଢ଼

### ରାହୁଲ ଗାନ୍ଧୀଙ୍କୁ ଜେରା ବିରୋଧରେ ପ୍ରତିବାଦ

ପ୍ରତିବାଦ କରିବା ସହ ଗାମୀ ଦିନରେ କଂଗ୍ରେସ ଦଳ ପ୍ରତି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରାଗଲେ ଦଳ ଚୁପ ରହିବନି ଏବଂ ସମଗ୍ର ଦେଶରେ ପ୍ରତିବାଦ କରାଯିବ ବୋଲି ଚେତାବନି ଦିଆଯାଇଛି।

ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ସମେତ ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ସଦନ ନାୟକ, ପିସିସି ସଭ୍ୟ ଦିଲୀପ କୁମାର ବେହେରା, ବରିଷ୍ଠ ନେତା ସତ୍ୟ ନାରାୟଣ ତ୍ରିପାଠୀ, ନଗର ସଭାପତି ପ୍ରଦୀପ ସାହୁ, ଧରମ ସିଂ, ଶଙ୍କର ଦେ, ନବ ନିର୍ବାଚିତ ମଣ୍ଡଳ ସଭାପତି ଭୀମ ପାଣିଗ୍ରାହୀ, ପିସିସି ସଭ୍ୟ ଦିଲୀପ ପ୍ରଧାନ, ବାବୁଲା ପଟ୍ଟନାୟକ, ପିସିସି ସମ୍ପାଦକ ଖେମରାଜ ବାଘ, ଅଗ୍ନିପୁର ସରପଞ୍ଚ ଦିବାକର ପୁଜାରୀ, ଦୁର୍ଲଭ କନ୍ଧ ଗୌଡ଼, ମହମ୍ମଦ ଆଜିର, ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ସେବାଦଳ ମୁଖ୍ୟ ମହମ୍ମଦ ଚାନୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏକଜୁଟ ହୋଇଥିଲେ।

# ୨ ସାର, ବିହନ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ

ତେନ୍ତୁଳିଖୁଣ୍ଟି,୧୭।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କୃଷି ବିଭାଗ ପକ୍ଷରୁ ତେନ୍ତୁଳିଖୁଣ୍ଟି ସଦର ଏବଂ ଖାତିଗୁଡ଼ାସ୍ଥିତ ବିଭିନ୍ନ ସାର ଓ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକରେ ଯାଞ୍ଚ କରାଯାଇଛି। ରେଜିଷ୍ଟ୍ରେଶନ ସାର୍ଟିଫିକେଟ ଏବଂ ତାହା ନବୀକରଣ ହୋଇଛି କି ନାହିଁ ସେ ନେଇ ଯାଞ୍ଚ କରାଯାଇଥିଲା।

ଯାଞ୍ଚ ଟିମ୍‌ରେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଆତ୍ମାର ବ୍ଲକ ବୈଷୟିକ ପରିଚାଳକ ଦୀପ୍ତିମୟୀ ଚୌଧୁରୀ, ସହକାରୀ ବୈଷୟିକ ପରିଚାଳକ ବାଳଗୋବିନ୍ଦ ସାହୁ, ସୁରେନ୍ଦ୍ର ପାତ୍ର ପ୍ରମୁଖ ସାମିଲ ଥିଲେ। ଯେଉଁ ସ୍ଥାନରେ ବିକ୍ରି ପାଇଁ ରେଜିଷ୍ଟ୍ରେଶନ ହୋଇଛି ସେଠାରେ ବିକ୍ରି ହେଉଛି କି ନାହିଁ ତାହାର ଅନୁଧ୍ୟାନ କରାଯାଇଥିଲା। ସେହିପରି ଦର ତାଲିକା ଟାଙ୍ଗିବା, ବିକ୍ରି ହେଉଥିବା ବିହନର ପ୍ୟାକିଂ ଠିକ୍‌ରେ ହୋଇଛି କି ନାହିଁ

### କୃଷି ବିଭାଗ ପକ୍ଷରୁ ଯାଞ୍ଚ

ଯାଞ୍ଚ କରାଯାଇଥିଲା। ବାହାରେ ଲୋକଙ୍କୁ ଦେଖାଇବାକୁ ରଖିଥିବା ବିହନ ଖୋଳରେ ଗୋଟିଏ ବ୍ରାଣ୍ଡର ଗୋଟିଏରୁ ଅଧିକ ଖୋଲି ରଖିଛନ୍ତି କି ନାହିଁ, ଅପମିଶ୍ରିତ ସାର ବିକ୍ରି ହେଉଛି କି ନାହିଁ ଆଦି ୫୦ ବିଷୟରେ ଯାଞ୍ଚ କରିଥିଲେ। ଶୁକ୍ରବାର ୧୦ଟି ସାର ଓ ବିହନ ବିକ୍ରୟ କେନ୍ଦ୍ରରେ ଯାଞ୍ଚ କରାଯାଇଥିଲା। ଖାତିଗୁଡ଼ାର ମଣିକଣ୍ଠା ଫର୍ଟିଲାଇଜର୍ ଓ ତେନ୍ତୁଳିଖୁଣ୍ଟିର ଝାନ୍‌ସୀରାଣୀ ଟ୍ରେଡର୍ସକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ନୋଟିସର ଉତ୍ତର ନ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଭଳି ଯାଞ୍ଚ ଜାରି ରହିବ ବୋଲି ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ କହିଛନ୍ତି।




କୃଷି ଅଧିକାରୀ ସାର ଓ ବିହନ ବିକ୍ରୟ କେନ୍ଦ୍ରରେ ଯାଞ୍ଚ କରୁଛନ୍ତି ।

# 'ରେଲ୍‌ୱେ ସମ୍ପତ୍ତି ନଷ୍ଟ କରନ୍ତୁ ନାହିଁ'

ରାୟଗଡ଼ା ଅଫିସ,୧୭।୬

ୱାଲଟିୟର ଡିଭିଜନ ଡିଆର୍‌ଏମ୍ ଅନୁପ ଶତପଥୀ ଶୁକ୍ରବାର ରାୟଗଡ଼ା ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଦେଶରେ ରେଲ୍‌ୱେର ସମ୍ପତ୍ତି ନଷ୍ଟ କରାଯାଉଥିବା ନେଇ ବିଭିନ୍ନ ଜାଗାରୁ ଖବର ଆସିବା ପରେ ସେ ରାୟଗଡ଼ା ଗସ୍ତରେ ଆସିଛନ୍ତି।



ଜିଲା କଂଗ୍ରେସ ସଭାପତି ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି ।

### ରାୟଗଡ଼ାରେ ୱାଲ୍‌ଟିୟର ଡିଆର୍‌ଏମ୍

ରେଲ୍‌ୱେର ସମ୍ପତ୍ତି ନଷ୍ଟ ନ କରିବାକୁ ସେ ଜନସାଧାରଣଙ୍କୁ ଏଠାରେ ଅନୁରୋଧ କରିଛନ୍ତି। ଯେଉଁମାନେ ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି ସେମାନଙ୍କ ବିଷୟରେ ରେଲ୍‌ୱେକୁ ଅବଗତ କରିବାକୁ ସେ କହିଛନ୍ତି। ଏହି ଅବସରରେ କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୩ ଟି ଟ୍ରେନ୍ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସେ ଦାବି କରିଛନ୍ତି। ରାୟଗଡ଼ା ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୋଦାବରୀ ଏକ୍ସପ୍ରେସ, ସିରିଡ଼ି ଏକ୍ସପ୍ରେସ, ଦୂରନ୍ତ ଏକ୍ସପ୍ରେସ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସେ ଜଣାଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ,୧୭।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହରରେ ଜଣେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଗଛରୁ ଜବତ କରାଯାଇଛି। ସେ ହେଲେ ଗଡିଗୁଡ଼ା ଗ୍ରାମ ବନ୍ଧପଡ଼ା ସାହିର ପ୍ରଦୀପ ଛତ୍ରିଆ(୧୯)। ପ୍ରଦୀପ ଗୁରୁବାର ରାତିରେ ଖାଇବା ପରେ ଶୋଇଥିବାବେଳେ ସକାଳେ ସେ ଘରେ ନ ଥିବା ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ଘର ନିକଟ ପିଜୁଳି ଗଛରେ ଝୁଲୁଥିବା ନଜରକୁ ଆସିଥିଲା। ତୁରନ୍ତ ବାପା ପଦଲାମ ପ୍ରଦୀପଙ୍କୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବେକରେ ଗାମୁଛା ଲାଗିଥିବାବେଳେ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ ତାଙ୍କ ମୃତ୍ୟୁର କାରଣ ସନ୍ଦେହ ଘେରରେ ରହିଛି। ଖବର ପାଇ ଉମରକୋଟ ଥାନା ଅଧିକାରୀ ଦୀପକ କୁମାର ଜେନା ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ୪୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ପ୍ରଦୀପଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ୨ ନଂ ୱାର୍ଡର କାଉନ୍‌ସିଲର ଚିତ୍ତରଞ୍ଜନ ପାତ୍ର ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ୩୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ଉମରକୋଟ ଥାନା ଅଧିକାରୀ ଏବଂ ବାବା ଆମ୍ବେଦକର ବିଚାର ମଞ୍ଚର ଜିଲା ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ରୋଗୀଙ୍କ ସମ୍ପର୍କୀୟଙ୍କୁ ତଡ଼ିବା ପ୍ରତିବାଦରେ ଧାରଣା

ନବରଙ୍ଗପୁର,୧୭।୬(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ଡାକ୍ତରଖାନା ପରିସର ମାତୃ ଓ ଶିଶୁ ବିଭାଗରେ ରୋଗୀଙ୍କ ସମ୍ପର୍କୀୟ ଗୁରୁବାର ରାତି ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ମାତୃ ଓ ଶିଶୁ ବିଭାଗରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ରାତିରେ ଡାକ୍ତରଖାନା ପରିସରରେ ଶୋଇବାକୁ ବାରଣ କରି ତଡ଼ି ଦିଆଯାଉଥିଲା। ଏହାର ପ୍ରତିବାଦରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଧାରଣାରେ ବସିଥିଲେ। ସେହିପରି ରୋଗୀଙ୍କୁ ସାଲାଇନ ଲଗାଇ ବାହାର କରିବାକୁ କେହି ଉପସ୍ଥିତ ରହୁ ନ ଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏଭଳି ସ୍ଥଳେ ରୋଗୀ ସମ୍ପର୍କୀୟଙ୍କୁ ପାଖରେ ରହିବାକୁ ମନା କରିବା ଓ ରାତି ଡାକ୍ତରଖାନା ପରିସରରେ ଶୋଇବାକୁ ମନା କରିବା ଏବଂ ସମ୍ପର୍କୀୟଙ୍କ ଆସବାବପତ୍ର ସିକ୍ୟୁରିଟି ଗାର୍ଡଙ୍କ ଦ୍ୱାରା ବାହାର କରିବାକୁ ନେଇ ସେମାନେ ବିରୋଧ କରିଥିଲେ। ରାତିଅଧରେ କୁଆଡ଼େ ଯିବୁ ବୋଲି ମହିଳାମାନେ ପ୍ରତିବାଦ କରିଥିଲେ। ନବରଙ୍ଗପୁର ଥାନା ଏସ୍‌ଆଇ ଚନ୍ଦନ ସାହୁ ଓ ଏଏସ୍‌ଆଇ ଅଶୋକ ଦେଓ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ହଟିଥିଲା। ପୋଲିସ ହସ୍ପିଟାଲ ମ୍ୟାନେଜର ରଶ୍ମିରଞ୍ଜନ ସାହୁଙ୍କୁ ଡାକି ରୋଗୀଙ୍କ ସମ୍ପର୍କୀୟ ବିଶ୍ରାମ ନେବା କକ୍ଷ ଖୋଲି ସେମାନଙ୍କୁ ବିଶ୍ରାମ ପାଇଁ ଛାଡ଼ିବାକୁ ପରାମର୍ଶ ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୧୬ ଦଫା ଦାବି ନେଇ ଗର୍ଜିଲେ ସିପିଆଇ (ଏମ୍‌ଏଲ୍), ଏଏସ୍‌ଏମ୍

ପଦ୍ମପୁର,୧୭।୬(ଡି.ଏନ୍.ଏ.)

ସିପିଆଇ (ଏମ୍‌ଏଲ୍) ଲିବରେସନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା(ଏଏସ୍‌ଏମ୍) ପକ୍ଷରୁ ବିଭିନ୍ନ ଦାବି ନେଇ ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଦ୍ମପୁର ବ୍ଲକ ସୁନାରୀଘାଇ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଭିନ୍ନ ଦାବି ଯଥା ପଦ୍ମପୁରକୁ ଏନ୍‌ଏସି ମାନ୍ୟତା, ଜମି, ଜଳ, ଜଙ୍ଗଲ ଓ ସିଲିଂ ବହିର୍ଭୂତ ଜମି ଦାବିରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରହୀଙ୍କୁ ପ୍ରଦାନ କରଯାଇଥିଲା।

ସଙ୍ଗଠନର ଅନ୍ୟ ପ୍ରମୁଖ ଦାବି ମଧ୍ୟରେ ସଉରା ଭାଷା ଓ ସଂସ୍କୃତିକୁ ସାମ୍ବିଧାନିକ ଅଧିକାର ସହ ସଂରକ୍ଷଣ ଅଧିକାର ପ୍ରଦାନ, ପଦ୍ମପୁର ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ୨୦୦ ଦିନର କାମ, ଦୈନିକ ୬୦୦ ଟଙ୍କା ମଜୁରୀ ସହ ଜେସିବି ମେଶିନ ଦ୍ୱାରା କାମ ବନ୍ଦ, ପ୍ରତ୍ୟେକ ଘର ଲୋକଙ୍କୁ ଘରଡିହ ପଟ୍ଟା, ଜବ୍‌କାର୍ଡ ଓ ରାଶନ କାର୍ଡଧାରୀଙ୍କୁ ୫୦ କେଜି ଚାଉଳ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବ୍ଲକରେ ଭାଗ ଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ ସହ ଚାଷୀଙ୍କ କୃଷି ଋଣ ଛାଡ଼ ଓ ନୂତନ କୃଷି ଋଣ ପ୍ରଦାନ, ସୁନାରୀଘାଇ ଛକ ନିକଟରେ ସରକାରୀ ଜମି ଅଣ ଆଦିବାସୀ ଲୋକ ଦଖଲ ରଖି ବିକ୍ରି କରୁଥିବା ଅଭିଯୋଗର ତଦନ୍ତ, ଧାନ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା ଧାର୍ଯ୍ୟ, ପଦ୍ମପୁର ବ୍ଲକ ର ଇନ୍ଦୁପୁର, ଲାଉଗୁଡା, କୋଇଲିକୋଟା ଆଦି



### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଗ୍ରାମରେ ସରକାରଙ୍କ ଦ୍ୱାରା ଘୋଷିତ ସିଲିଂ ଜମିର ନୋଟିଫିକେସନ ଜାରି କରିଥିବା ଜମିକୁ ଆଦିବାସୀଙ୍କ ମଧ୍ୟରେ ବଣ୍ଟନ ଏବଂ ଖିଲାମୁଣ୍ଡା ମୌଜାରେ ସରକାର ପକ୍ଷରୁ ପଟ୍ଟା ବଣ୍ଟନ କରିବା ପାଇଁ ନୋଟିସକୁ ତୁରନ୍ତ କାର୍ଯ୍ୟକାରୀ, ସରକାରୀ ଭାବେ ସମସ୍ତଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ ଆଦି ରହିଛି।

# ବାର୍ ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୧୭।୬

ରାୟଗଡ଼ା ଜିଲା ବାର୍ ଆସୋସିଏଶନ ପକ୍ଷରୁ ପୁଣି ମନ୍ତ୍ରୀ ପଦ ପାଇଥିବା ଜଗନ୍ନାଥ ସାରକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସାରକା ପୂର୍ବରୁ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଥିଲେ। ଏବେ ପୁରୁଣା ଦାୟୀତ୍ୱ ସହ ନୂତନ ଭାବେ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇ ଆଇନ ବିଭାଗ ଦାୟୀତ୍ୱ ମଧ ଦିଆଯାଇଛି। ଏହି ସଫଳତା ପାଇଁ ତାଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ରାୟଗଡ଼ା ବାର୍ ଆସୋସିଏଶନର ସଭାପତି ବିଭୁ ପ୍ରଧାନ, ସମ୍ପାଦକ ଏମ୍.ଏମ୍. ବେଉରିଆ, ଚିନ୍ତାଡ଼ା ରାଜୁ ଆଦି ବାର୍ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ଓ ଅନ୍ୟମାନେ।

# ଏକ୍ସପ୍ରେସ୍ ଟ୍ରେନ ରହଣି ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ନବରଙ୍ଗପୁର,୧୭।୬(ବି.ପ୍ର.)

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପାଇଁ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ପରାମର୍ଶଦାତା କମିଟି ସ୍ଥାୟୀ ସଦସ୍ୟ ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ନବରଙ୍ଗପୁର ଟ୍ରେନ୍ ଯାତ୍ରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କୋଟପାଡ଼ ରୋଡ ଏବଂ ଚରାମୁଲା-କୁସୁମୀ ଷ୍ଟେଶନରେ କିରାଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ, ହୀରାଖଣ୍ଡ ଏକ୍ସପ୍ରେସ ଓ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ ରହଣି ନିମନ୍ତେ ସେ ଦାବି କରିଛନ୍ତି। କୋଟପାଡ଼-କୁସୁମି ଏବଂ କୋରାପୁଟ ଜିଲାର ନିକଟବର୍ତ୍ତୀ ଅଞ୍ଚଳର ସାଧାରଣ ଜନତା ସେମାନଙ୍କ ଟ୍ରେନ୍ ଯାତ୍ରାକୁ ସୁଗମ କରିବା ପାଇଁ ଏହି ଦୁଇଟି ଷ୍ଟେଶନରେ ଉକ୍ତ ଏକ୍ସପ୍ରେସ ଟ୍ରେନ୍ ଗୁଡ଼ିକ ରହଣି କରିବାକୁ ବାରମ୍ବାର ଅନୁରୋଧ କରୁଛନ୍ତି। ଏହି ବିଷୟରେ ଆବଶ୍ୟକ ପଦକ୍ଷେପ ନେବାକୁ ଏମ୍‌ପି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଅଞ୍ଚଳର ଅନେକ ଯାତ୍ରୀ ଉପକୃତ ହେବେ ବୋଲି ଜଣାଇଛନ୍ତି।



# ପୋଲିସ ଗାଡ଼ି ଭଙ୍ଗାରୁଜା କଲେ ଗ୍ରାମବାସୀ, ଡ୍ରାଇଭର ଗିରଫ

ପାପଡାହାଣ୍ଡି,୧୭।୬(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ଟସରବାଡ଼ ନିକଟରେ ଏକ ମିନିଟ୍ରକ ଗାଡି ଧକ୍କାରେ ଗୁରୁବାର ରାତିରେ ୨ଟି ଗୋରୁଙ୍କ ସହ ଜଣେ ଗୋଚାଲାଣଚାରୀ ମୃତ୍ୟୁ ହୋଇଥିଲା। ଘଟଣା ପରେ ରାତିରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଧରିବାକୁ ଯାଇ ପୋଲିସ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଛି। ଜଣେ ପୋଲିସ ଅଧିକାରୀଙ୍କ ସୁନାଚେନ ଲୁଟ ହୋଇଥିବା ବେଳେ ପୋଲିସ ଗାଡି ଭଙ୍ଗା ରୁଜା ହୋଇଛି। ଶୁକ୍ରବାର ଥାନାରେ ଗାଡି ମାଲିକ ଓ ମୃତକଙ୍କ ପରିବାର ମଧ୍ୟରେ ଆପୋଷ ବୁଝାମଣା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

ଖବରରୁ ଜଣାପଡିଛି, ବଡ଼କୁମୁଲି ପଞ୍ଚାୟତ ଉର୍ଦି ଗ୍ରାମର କେଶବ ହରିଜନ ଡାବୁଗାଁ ସାପ୍ତାହିକ ହାଟରୁ ଗୋରୁ ପୋଲ ଧରି ନବରଙ୍ଗପୁର ଆଡକୁ ଯାଉଥିବା ବେଳେ ଟସରବାଡ଼ ନିକଟରେ ଏକ ମିନି ଧକ୍କା ଦେଇଥିଲା। ଫଳରେ ୨ଟି ଗୋରୁଙ୍କୁ ସହ କେଶବଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ମିନି ଟ୍ରକ(ଓଡ଼ି ୧୦ଟି- ୦୦୫୪) ଉର୍ଦି ଗ୍ରାମବାସୀଙ୍କ ହାତରେ ଧରା ପଡିଥିଲା। ଡ୍ରାଇଭର ରାଜୁ ଭୋଇଙ୍କୁ ଗ୍ରାମବାସୀ ଆକ୍ରମଣ କରିଥିଲେ। ଏସମ୍ପର୍କରେ ପାପଡାହାଣ୍ଡି ଏସଆଇ ଶିବଜୀ ପଣ୍ଡା ଖବରପାଇ ଗ୍ରାମରେ ପହଞ୍ଚି ଡ୍ରାଇଭରଙ୍କୁ ଗ୍ରାମବାସୀଙ୍କଠାରୁ ଉଦ୍ଧାର କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଏବଂ ପୋଲିସ ଡ୍ରାଇଭର ସିଏଚ ଅଶୋକ କୁମାରଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ଶିବାଜୀଙ୍କ ସୁନା ଚେନ ନେଇଯାଇଥିଲେ। ପୋଲିସ ଗାଡି (ଓଡ଼ି୦୫ୱାଇ-୫୫୭୩)କୁ ଭଙ୍ଗା ରୁଜା କରିଥିଲେ। ପ୍ରଶାସନ ଓ ଖବରଦାତା ନ ଆସିଲେ ଡ୍ରାଇଭରଙ୍କୁ ଛାଡିବେ ନାହିଁ ବୋଲି ଜିଦ ଧରିଥିଲେ। ଖବର ପାଇ ପାପଡାହାଣ୍ଡି ଥାନା ଅଧିକାରୀ ମୀରା ନାୟକ, ମଇଦଲପୁର ପୋଲିସ, ନବରଙ୍ଗପୁର ରିଜର୍ଭ ପୋଲିସ, ନବରଙ୍ଗପୁର ଟାଉନ ଥାନା ପୋଲିସ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଗ୍ରାମବାସୀ ମୃତକଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପରେ ରାତି ୨ଟାରେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ତଥା ଜିଲା



କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି ।

### ମିନି ଟ୍ରକ ଧକ୍କାରେ ୨ ଗୋରୁ ସହ ଗୋଚାଲାଣକାରୀଙ୍କ ମୃତ୍ୟୁ ଘଟଣା

ଓୟୁଜେ ସଂଘ ସଭାପତି ସୁଶାନ୍ତ ବେହେରା, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ ଗ୍ରାମରେ ପହଞ୍ଚି ରେଡ଼କ୍ରସରୁ ମୃତକଙ୍କ ସ୍ତ୍ରୀଙ୍କୁ ୨୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଥାନାରେ ଉଭୟପକ୍ଷ ଆପୋଷ ବୁଝାମଣା ହୋଇ ରେଡକ୍ରସରୁ ୨୦ହଜାର ଟଙ୍କା ଏବଂ ଗାଡି ମାଲିକ ରବୀନ୍ଦ୍ର ରାଉତ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ପ୍ରଦାନ ପରେ ମୃତଦେହ ପାଇଁ ଯାଇଥିଲା। ବ୍ୟବଚ୍ଛେଦ ପରେ ଏହା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେସ ନଂ. ୮୮/୨୨ରେ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସକୁ ଆକ୍ରମଣ ଓ ଗାଡି ଭଙ୍ଗା ରୁଜା ନେଇ ପୋଲିସ ନିଜ ତରଫରୁ ମାମଲା ରୁଜୁ କରିବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ବଜ୍ରପାତରେ ୨୧ ଗୋରୁ ମୃତ

ନାରାୟଣପାଟଣା, ୧୭।୬ (ଡି.ଏନ.ଏ.)- କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ବଲିପେଟା ପଞ୍ଚାୟତ ଅନ୍ତର୍ଗତ ଡୁମୁସିଲି ଗ୍ରାମରେ ଶୁକ୍ରବାର ବଜ୍ରପାତରେ ୨୧ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ପବନ ସହ ବର୍ଷା ଲାଗି ରହିଥିଲା। ଫଳରେ ଗ୍ରାମଠାରୁ କିଛି ଦୂରରେ ଥିବା ଏକ କୁଡ଼ିଆ ନିକଟରେ ଥିବା ଗଛମୂଳେ ଗୋରୁ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ ବଜ୍ରପାତ ହେବାରୁ ୨୧ଟି ଗୋରୁ ସେଠାରେ ଟଳି ପଡ଼ିଥିଲେ। ଗ୍ରାମର ମୁକ୍ଷୁରି କେଣ୍ଡରୁକାଙ୍କ ୯ଟି, ସାରଥୀ କେଣ୍ଡରୁକାଙ୍କ ଗୋଟିଏ, ବାମନି ହୁଲୁକାଙ୍କ ୨ଟି, ଅମିନ କେଣ୍ଡରୁକାଙ୍କ ୩ଟି, ରମେଶ କଲେକାଙ୍କ ୨ଟି, ଲିଉ କେଣ୍ଡରୁକାଙ୍କ ୪ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଏନେଇ ଖବର ପାଇ ବାଲିପେଟା ସରପଞ୍ଚ ସାଇବେଣୀ କୁଲେସିକା କ୍ଷତିଗ୍ରସ୍ତ ଗୋରୁମାଲିକମାନଙ୍କୁ ଭେଟିଛନ୍ତି।

### ଅବକାରୀ ଚଢ଼ାଉ

ଜୟପୁର, ୧୭।୬ (ନି.ପ୍ର.)- ଅବକାରୀ ଚଢ଼ାଉ ପକ୍ଷରୁ ଘସରଡା ଜଙ୍ଗଲରେ ଶୁକ୍ରବାର ଚଢ଼ାଉ କରାଯାଇ ବ୍ୟାପକ ପରିମାଣରେ ଚୋରା ମଦ ଓ ପୋଚ ଜବତ କରାଯାଇଛି। ଜୟପୁର ଅବକାରୀ ବିଭାଗ, କୋରାପୁଟ ଏପିଆର ଫୋର୍ସ, ଜୟପୁର ଆଇଇ ମିଳିତ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦି ଜବତ ହୋଇଛି।

### ଭିଏଚ୍‌ପି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିରି, ୧୭।୬ (ଡି.ଏନ୍‌.ଏ.)- ଦେଶରେ ଗତ କିଛିଦିନ ହେଲା ହିନ୍ଦୁଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଶୁକ୍ରବାର ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଳ ସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାମନବମୀ ଦିନ ବାହାରିଥିବା ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରେ ପଥର ଫିଙ୍ଗାଯାଇଥିଲା। ସେହିପରି ହନୁମାନ ଜୟନ୍ତୀରେ ମଧ୍ୟ କେତେକ ସ୍ଥାନରେ ସମାନ ଧରଣର ଘଟଣା ଘଟିଥିଲା। ଏହାକୁ ଦେଶବ୍ୟାପୀ ନିନ୍ଦା କରାଯାଇଥିବା ଭିଏଚ୍‌ପି ଅଭିଯୋଗ କରିଛି। ଅନ୍ୟପକ୍ଷରେ କର୍ଣ୍ଣାଟକରେ ବଜରଙ୍ଗ ଦଳର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯିବା ଏବଂ ନୂପୁର ଶର୍ମା ଏବଂ ନବୀନ ଜିନ୍ଦଲଙ୍କ ବୟାନକୁ ନେଇ ଗତ ଶୁକ୍ରବାର ନମାଜ ସରିବା ପରେ ହିନ୍ଦୁମାନଙ୍କ ଘର, ଦୋକାନ ଏବଂ ଯାନବାହନକୁ ନିଆଁ ଲଗାଇ ପୋଡ଼ାଯିବା ଦୁଃଖଦାୟକ ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏହାକୁ ନେଇ ଯେପରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ନଜର ରଖିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

### ଖଟାଲପୁଟ ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର ଦାବିକଲେ ଗ୍ରାମବାସୀ

କୋରାପୁଟ,୧୭।୬(ସ୍ୱ.ପ୍ର.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖଟାଲପୁଟ ଅଙ୍ଗନୱାଡି କେନ୍ଦ୍ରରେ କିତାବ ଗ୍ରାମର ଶିଶୁ, ଗର୍ଭବତୀ ଓ କିଶୋରୀଙ୍କୁ ପ୍ରତିମାସରେ ମିଳୁଥିବା ସରକାରୀ ସୁବିଧା ଅଙ୍ଗନୱାଡି କର୍ମୀ ହିତାଧିକାରୀଙ୍କୁ ଦେଉ ନ ଥିବା ନେଇ ଗ୍ରାମବାସୀ ଶୁକ୍ରବାର ଉପ ଜିଲାପାଳ ଲଳିତ କହଁରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଏହା ବ୍ଲକ ପ୍ରଶାସନ ଜାଣିବା ପରେ କୌଣସି ସମାଧାନ ହେଉ ନ ଥିବାରୁ ମହିଳାମାନେ ରାସ୍ତା ଅବରୋଧ କରିଥିଲେ। ଏହି ଅଙ୍ଗନୱାଡି କେନ୍ଦ୍ରରେ ନୂତନ କର୍ମୀଙ୍କୁ ନିଯୁକ୍ତି ଦେବାକୁ କହଁର କହିଥିଲେ ମଧ୍ୟ ଗ୍ରାମବାସୀ ରାଜି ହୋଇ ନ ଥିଲେ। ୱାର୍ଡ ମେମ୍ବର ଉର୍ଦ୍ଧବ ଲୋକାଇ, ଗୌରୀ ବୈରାଗୀ,ସାବିତ୍ରୀ ମାଝୀ, ସଙ୍ଗୀତା ବୈରାଗୀ, ତୁଳା ମାଝୀଙ୍କ ସହ ଶତାଧିକ ମହିଳାପୁରୁଷ ଉପ ଜିଲାପାଳଙ୍କୁ ଭେଟିଥିଲେ।

# ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ସେମିଳିଗୁଡ଼ା/ସୁନାବେଡ଼ା,୧୭।୬ (ସ୍ୱ.ପ୍ର.)

କୋରପୁଟ ଜିଲା ସେମିଳିଗୁଡ଼ା ବ୍ଲକରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବ୍ଲକର ୧୭ଟି ପଞ୍ଚାୟତର ଲୋକେ ଏନେଇ ପ୍ରତିବର୍ଷ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସମସ୍ୟାର ସମାଧାନ ଲାଗି ଲୋକ ବିକାଶ ମଞ୍ଚ ଅଣ୍ଟା ଭିଡ଼ିଛି। ମଞ୍ଚ ସଦସ୍ୟମାନେ ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଲୋକେ ୧ କି.ମି. ଦୂରରୁ ନଈ, ନାଳ ଓ ଝରଣା ଜଳ ସଂଗ୍ରହକରି ବ୍ୟବହାର କରୁଛନ୍ତି। ଅନ୍ୟ ଗ୍ରାମଗୁଡ଼ିକରେ ପିଇବା ପାଣି ପାଇଁ ନଳକୂଅ, ସୋଲାର ପମ୍ପର ବ୍ୟବସ୍ଥା ଥିଲେ ମଧ୍ୟ ସେମିଳିଗୁଡ଼ା ବ୍ଲକର ସବୁ ପଞ୍ଚାୟତରେ ଏହି ବ୍ୟବସ୍ଥା ନାହିଁ। ଗ୍ରାମଗୁଡ଼ିକରେ ନଳକୂପ ଓ ସୋଲାର ଦ୍ୱାରା ଜଳଯୋଗାଣ ନେଇ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏନେଇ ବିଡିଓ ବେହେରାଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ। ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ସନିଆ ମାଝି, କୃଷ୍ଣ ଖିଲ, ପ୍ରଭାସିନୀ ଖରା ,ପିଙ୍କି ହନ୍ତାଳ, କୁନି ଭତ୍ରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ଲୋକବିକାଶ ମଞ୍ଚ ପକ୍ଷରୁ କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଖବର ପ୍ରକାଶ ପରେ ରାସ୍ତା ପାର୍ଶ୍ୱରୁ ଉଠିଲା ନାମଫଳକ

### ୫-ଟି ରୂପାନ୍ତରିତ ବିଦ୍ୟାଳୟ ଉଦ୍‌ଘାଟନ ଘଟଣା

ମାଲକାନଗିରି,୧୭।୬(ଡି.ଏନ.ଏ.)



ମାଲକାନଗିରି ଜିଲାରେ ୨ୟ ପର୍ଯ୍ୟାୟରେ ୪୭ ୫-ଟି ରୂପାନ୍ତରିତ ବିଦ୍ୟାଳୟକୁ ଜୁନ୍ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ହେବାର ୧୬ ଦିନ ବିତିଯାଇଥିଲେ ମଧ୍ୟ ସେହି ବିଦ୍ୟାଳୟଗୁଡିକର ନାମଫଳକ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିଲା। ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏବେ ଏହି ନାମଫଳକଗୁଡିକୁ ଶୁକ୍ରବାର ରାସ୍ତା ପାର୍ଶ୍ୱରୁ ଉଠାଇ ନିଆଯାଇଛି। ଉକ୍ତ ବିଦ୍ୟାଳୟଗୁଡିକ ମଧ୍ୟରେ ମାଥିଲି ବ୍ଲକର ଉଦୁଲିବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାତ୍ରପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଙ୍ଗମର ହାତିରାମଗୁର ଉଚ୍ଚ ବିଦ୍ୟାଳୟ, ନାୟକଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଳପତିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କ୍ୟାଙ୍ଗ ସାବେରୀ ବିଦ୍ୟାପୀଠ, କର୍ତ୍ତନପାଲି ଉଚ୍ଚ ବିଦ୍ୟାଳୟ, ମହୁପଦର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଅଁଳାପଦର ବାପୁଜୀ ଉଚ୍ଚ ବିଦ୍ୟାଳୟ ଏବଂ ଚିତ୍ରକୋଣ୍ଡା ବ୍ଲକର ବଡପଦର ଉଚ୍ଚ ବିଦ୍ୟାଳୟ ରହିଛି।

# ଅଖିଳ ଭାରତୀୟ ପରିଷଦର ଶୋଭାଯାତ୍ରା

ଜୟପୁର ୧୭।୬ (ନି.ପ୍ର.)

ନ୍ୟାର୍ଯ ଅଧିକାରରୁ ବଞ୍ଚିତ ଏବଂ ଶୋଷିତଙ୍କ ପାଇଁ କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ପରିଷଦର କୋରାପୁଟ ଜିଲା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଶୁକ୍ରବାର ସହର ପରିକ୍ରମା କରିଛି। ପାରାବେଡାଠାରୁ ଏହି ଶୋଭାଯାତ୍ରା ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ମକର୍ତ୍ତାମାନେ ଦାବିପତ୍ର ଦେଇଥିଲେ। ଡ. ଆମ୍ବେଡକରଙ୍କ ଜୀବନୀ ଷଷ୍ଠରୁ ଦଶମ ଶ୍ରେଣୀଯାଏ ପଢାଯିବା, ବିକ୍ରମଦେବ କଲେଜକୁ ୟୁନଭରସିଟି ଘୋଷଣା କରିବା, ଆମ୍ବେଡକରଙ୍କ ନାମରେ କଲେଜର ଏକ ଚେୟାର ପ୍ରତିଷ୍ଠା, ନିଳକଣ୍ଠ ସାଗର ଓ ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟକରଣ କରିବା, ସାଗର ନିକଟରେ ଆମ୍ବେଡକରଙ୍କ ନାମରେ ଏକ ଲାଇବ୍ରେରି ଓ ପାର୍କ କରିବା, ୨ଶହ ୟୁନିଟ ଯାଏ ମାଗଣା ବିଦ୍ୟୁତ୍ ଦେବା, ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସଭାପତି ବୃନ୍ଦାବନ ଖରା, ସୁରେନ୍ଦ୍ର କୁଳଦୀପ, ଚନ୍ଦ୍ର ସିଂ, ଅଭି ନାୟକ, ପଦ୍ମନ ଖରାଙ୍କ ସମେତ ଅନ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


ଶୋଭାଯାତ୍ରାରେ ବାହାରିଥିବା ଅଖିଳ ଭାରତୀୟ ପରିଷଦ କର୍ମକର୍ତ୍ତାମାନେ।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ପାଣ୍ଡ୍ରିପାଣି

### ଏମ୍‌ଭି-୯ରେ ଜୟ ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ

ମାଲକାନଗିରି,୧୭।୬ (ଡି.ଏନ୍‌.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏମ୍‌ଭି-୯ ଗ୍ରାମରେ ଶୁକ୍ରବାର ଜୟ ମା'ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର ପ୍ରଥମ ମ୍ୟାଚରେ ପାଣ୍ଡ୍ରିପାଣି ଓ ଏମ୍‌ଭି-୯ ପରସ୍ପରକୁ ଭେଟିଥିଲେ। ଏମ୍‌ଭି-୯କୁ ହରାଇ ପାଣ୍ଡ୍ରିପାଣି ଉଦ୍‌ଘାଟନୀ ମ୍ୟାଚ ଜିତିଥିଲା। ଆସନ୍ତା ଏକ ସପ୍ତାହ ଧରି ଏହି ଟୁର୍ନାମେଣ୍ଟ ଚାଲିବ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲ୍‌ଦାର, ସରପଞ୍ଚ ପାଣ୍ଡି ପଡିଆମି, ୱାର୍ଡମେମ୍ବର ବିଶ୍ୱଜିତ ବିଶ୍ୱାସ, ଗ୍ରାମ ସଭାପତି ଅମଲ ସର୍ଦ୍ଦାର, ଜୟ ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ସଭାପତି ରାଜୁ ଅଧିକାରୀ, ସମ୍ପାଦକ ନିମାଇ କୀର୍ତ୍ତନିଆ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସ୍ୱତନ୍ତ୍ର ବୈଠକ

ଚିତ୍ରକୋଣ୍ଡା, ୧୭।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡପଡାଠାରେ ଶୁକ୍ରବାର ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଏବଂ ଓଡିଶା ଜୀବିକା ମିଶନ ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ତାଙ୍ଗୁଲୁ ମହିଳାମାନଙ୍କ ସହ ନାରୀ ସଶକ୍ତୀକରଣ, ମିଶନ ଶକ୍ତି, ସରକାରଙ୍କ ପକ୍ଷରୁ ସେମାନଙ୍କ ଉନ୍ନତି ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଭିମାନ ଅଞ୍ଚଳରେ ମହିଳାଙ୍କୁ ସଶକ୍ତୀକରଣ କରିବାକୁ ସମସ୍ତ କାର୍ଯ୍ୟକ୍ରମ ଉତ୍ତମ ଭାବରେ କରିବାକୁ ସେ ପରାମର୍ଶ ଦେଇଥିଲେ। ଓଡିଶା ଜୀବିକା ମିଶନର ବିପିଏମ ପର୍ଶୁରାମ ବେହେରା, ଏମବିକେ ରାଜୁ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଗେଇପଦର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ


ଅତିରିକ୍ତ ଏସ୍‌ପି ଉତ୍କଳ କେଶରୀ ଦାସ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି ।

କୋରାପୁଟ,୧୭।୬ (ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ବଗେଇପଦର ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଶୁକ୍ରବାର ସଦର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅତିରିକ୍ତ ଏସପି ଉତ୍କଳ କେଶରୀ ଦାସ କହିଛନ୍ତି। ଜୟପୁର ପାୱାର ହାଉସ କଲୋନୀର ଅମୂଲ୍ୟ ତ୍ରିପାଠୀ ୨୮ ତାରିଖରୁ ଘରୁ ନିଖୋଜ ଥିଲେ। ୨୯ରେ ବଗେଇପଦର ନିକଟସ୍ଥ ରାସ୍ତାକଡ଼ରୁ ଅମୂଲ୍ୟଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ତେବେ ତଦନ୍ତର ୨୦ ଦିନ ପରେ ପୋଲିସ ଅଭିଯୁକ୍ତ କେ.ସୂର୍ଯ୍ୟପ୍ରକାଶ ରାଓଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତାଙ୍କଠାରୁ ଏକ ସୁନାମୁଦି ଓ ନଗଦ ୮୦୦ଟଙ୍କା ଜବତ ହୋଇଛି। ଖବରଦାତା ସମ୍ମିଳନୀରେ କୋରାପୁଟ ଏସଡିପିଓ ମନୋଜ ପୂଜାରୀ, ଇନ୍ସପେକ୍ଟର କିରଣବାଲା ସାମଲ ଉପସ୍ଥିତ ଥିଲେ।

# ୨୦୨୧ରୁ ନାହାନ୍ତି ଗଣିତ ଶିକ୍ଷକ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଲେ ଅଭିଭାବକ



ଜୟପୁର, ୧୭।୬ (ନି.ପ୍ର.)

ଦୀର୍ଘଦିନ ହେଲା ଜୟପୁର ସିଟି ସ୍କୁଲରେ ଗଣିତ ଶିକ୍ଷକ ନାହାନ୍ତି। ଏନେଇ ବିଦ୍ୟାଳୟ ଅଭିଭାବକମାନେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ବିଦ୍ୟାଳୟର ଗଣିତ ଶିକ୍ଷକ ୨୦୨୧ରୁ ଗଣିତ ଶିକ୍ଷକ ଅବସର ନେଇଥିଲେ ସୁଦ୍ଧା ଏଯାଏ ସେହି ସ୍ଥାନ ପୂରଣ ହୋଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଗଣିତ ପରି କଠିନ ବିଷୟ ପଢିବାରୁ ବଞ୍ଚିତ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଗତ ଦିନରେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ରାଜ୍ୟ କରାଟେ ଚାମ୍ପିୟନଶିପ
## ଡିଏଭି ଗୁରୁକୁଳ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ

ମାଲକାନଗିରି,୧୭।୬(ଡି.ଏନ.ଏ.)

ମାଲକାନଗିରିଜିଲା ବାଲିମେଳା ଏନଏସିରେ ଥିବା ଡିଏଭି ଗୁରୁକୁଳର ଛାତ୍ରୀଛାତ୍ରମାନେ କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସବ୍ ଜୁନିୟର ଏବଂ ଜୁନିୟର ବିଭାଗରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟିଏସକେଏଫଆଇ ପକ୍ଷରୁ ଏହି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ନିକଟରେ କଟକରେ ହୋଇଥିଲା। ସବ ଜୁନିୟର ଗ୍ରୁପରେ ଲଡ ଗୋପାଳ ପଡ଼ିଆମୀ, ବାବୁଲା ଗଛ, ବାବୁନା ହାନ୍ତାଳ, ମଳୟ ଧାଙ୍ଗଡାମାଝି ସ୍ୱର୍ଣ୍ଣପଦକ ପାଇଥିବାବେଳେ ଜୁନିୟର ଗ୍ରୁପରେ ମମତା ମାଡକାମୀ, କ୍ରିଷ୍ଣା ସେୟାଂଶ ସ୍ୱାଇଁ ଓ ତୁଫାନ ମାଡକାମୀ ବ୍ରୋଞ୍ଜ ପଦକ ପାଇଛନ୍ତି। କରାଟେକା ଚସନସାଇ ମାନସ କହନ୍ତି ପଦକ ଜିତିଥିବା ଏହି ଛାତ୍ରୀଛାତ୍ରମାନେ ଅକ୍ଟୋବରରେ ହେବାକୁ ଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବେ। ବେସରକାରୀ ବିଦ୍ୟାଳୟର ଏହି ଛାତ୍ରୀଛାତ୍ରଙ୍କ କୃତିତ୍ୱକୁ ସାଧାରଣରେ ପ୍ରଶଂସା କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ଜେନାଙ୍କ ଯୋଗୁ ଛାତ୍ରୀଛାତ୍ରଙ୍କୁ ଏହି ସଫଳତା ମିଳିଥିବା ଜଣାପଡିଛି।

# କଂଗ୍ରେସର ବିକ୍ଷୋଭ, ଶୋଭାଯାତ୍ରା



କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ରାହୁଲଙ୍କୁ ଇଡିର ଜେରା ପ୍ରସଙ୍ଗ

ମାଲକାନଗିରି,୧୭।୬ (ଡି.ଏନ.ଏ.)

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଦୁର୍ନୀତିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମ୍ପୃକ୍ତି ନେଇ ତାଙ୍କୁ ୫ଦିନ ହେଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଚରାଉଚରା କରୁଛି। ଏହାକୁ କଂଗ୍ରେସ ବିରୋଧକରି ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରୁଛି। ଶୁକ୍ରବାର ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରିଥିଲା। କର୍ମୀମାନେ ଟେଲିଫୋନ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଭାଜପା କଂଗ୍ରେସ ନେତାମାନଙ୍କୁ ଏପରି ବାରମ୍ବାର ହଇରାଣ କରୁଛି। ଏପରି ଏକ ଭିତ୍ତିହୀନ ମାମଲାକୁ ନେଇ ରାଜନୀତି କରା ନ ଯାଉ ବୋଲି ସେମାନେ ଦାବିକରିଥିଲେ। ରାହୁଲ ଗାନ୍ଧୀଙ୍କୁ ଇଡି ବାରମ୍ବାର ଡାକି ହଇରାଣ କରୁଛି। ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଶରତ ବୁରୁଦା, ଇଶାକ ଖୋସ୍‌ଲା, ଜି. ଶ୍ରୀନିବାସ ରାଓଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ୫ ଘଣ୍ଟା ପରେ ଦେଲେ ଗାଡି


ପରିବାର ଲୋକେ ମୃତଦେହ ରଖି ଧାରଣାରେ ବସିଛନ୍ତି ।

### ମହାପ୍ରୟାଣ ଗାଡି ମିଳିଲାନି, ମୃତଦେହ ରଖି ପ୍ରତିବାଦ

କୋରାପୁଟ,୧୭।୬(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଅବବ୍ୟସ୍ଥା ଦିନକୁ ଦିନ ପଦାକୁ ଆସୁଛି । ଶୁକ୍ରବାର ମେଡିକାଲ କଲେଜରେ ଜଣେ ମହିଳାଙ୍କ ମୃତ୍ୟୁ ପରେ ମୃତଦେହ ଗ୍ରାମକୁ ନେବାକୁ ପରିବାର ଲୋକେ ମହାପ୍ରୟାଣ ଗାଡି କଲେଜ କର୍ତ୍ତୃପକ୍ଷଙ୍କୁ ମାଗିଥିଲେ। ଏହା ନ ମିଳିବାରୁ ମୁଖ୍ୟ ଫାଟକଠାରେ ମୃତକଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଫଳରେ ୫ଘଣ୍ଟା ପରେ କର୍ତ୍ତୃପକ୍ଷ ମହାପ୍ରୟାଣ ଗାଡି ଯୋଗାଇ ଦେଇଥିଲେ। ଖବରରୁ ଜଣାପଡିଛି, କୋରାପୁଟ ଜିଲା ପୋଡାପଦର ଗ୍ରାମର ବନ ସାଉନ୍ତା ଅସୁସ୍ଥ ହୋଇ ୧୫ ତାରିଖରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ । ଶୁକ୍ରବାର ସକାଳ ୫ଟାରେ ବନଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗ୍ରାମକୁ ନେବାକୁ ପରିବାର ଲୋକେ ମହାପ୍ରୟାଣ ଗାଡି ଯୋଗାଇ ଦେବାକୁ କଲେଜ କର୍ତ୍ତପକ୍ଷଙ୍କୁ ଅନୁରୋଧ କରିଥିଲେ। ତେଲ ନାହିଁ କହି କର୍ତ୍ତୃପକ୍ଷ ଗାଡି ବ୍ୟବସ୍ଥା ନ କରି ନୀରବ ରହିଥିଲେ। ଏହାର ପ୍ରତିବାଦ କରି କଂଗ୍ରେସ ଯୁବନେତା ରମେଶ ଖରା ଓ ପରିବାର ଲୋକେ ହସ୍ପିଟାଲ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ହସ୍ପିଟାଲ ମ୍ୟାନେଜର ଘଟଣା ସ୍ଥଳରେ ପହଞ୍ଚି ଧାରଣା ବସିଥିବା ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ମହାପ୍ରୟାଣ ଗାଡି ବ୍ୟବସ୍ଥା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ରାହୁଲଙ୍କୁ ଇଡି ପକ୍ଷରୁ ଜେରା ଘଟଣାକୁ କଂଗ୍ରେସର ବିରୋଧ, ଧାରଣା

ଜୟପୁର, ୧୭।୬ (ନି.ପ୍ର.)

ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ବାରମ୍ବାର ଜେରା କରାଯିବା ଘଟଣାକୁ ବିରୋଧ କରି କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ଧାରଣା ଓ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ଡାକଘର ନିକଟରେ ଦଳ ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ। ରାଜନୈତିକ ଆକ୍ରୋଶର ଶିକାର କରି କେନ୍ଦ୍ର ସରକାର ରାହୁଲଙ୍କୁ ଇଡି ମାଧ୍ୟମରେ ଜେରା କରୁଛି। ଏହାର ପ୍ରତିବାଦରେ ଏଆଇସିସି ଆହ୍ୱାନରେ ସାରା ଦେଶରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।ଶୁକ୍ରବାର କୋରାପୁଟ ଜିଲା ଜୟପୁରରେ ଅନୁଷ୍ଠିତ ବିକ୍ଷୋଭ ଅବସରରେ କଂଗ୍ରେସ ଭବନଠାରୁ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିନୋଦ ମହାପାତ୍ର, ବ୍ଲକ ସଭାପତି ବସନ୍ତ ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଅଜିତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ରାମଚନ୍ଦ୍ର ପାଢୀଙ୍କ ସମେତ ବହୁ ନେତା, କର୍ମୀ ଯୋଗ ଦେଇଥିଲେ।



ମୁଖ୍ୟ ଡାକଘରଠାରେ କଂଗ୍ରେସ ପକ୍ଷରୁ ଚାଲିଥିବା ଧାରଣା।

# ରଜ ଉତ୍ସବ ଉଦ୍‌ଯାପିତ

ଜୟପୁର,୧୭।୬(ନି.ପ୍ର.)

ଜୟପୁରସ୍ଥିତ ଜ୍ୟୋତି କଲ୍ୟାଣ ମଣ୍ଡପରେ ୩ଦିନ ଧରି ଚାଲିଥିବା ରଜପର୍ବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଗଣପର୍ବ ରଜ ୧୮ ବର୍ଷ ତଳେ ଜୟପୁର ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ଆରମ୍ଭ ହୋଇଥିଲା। ସମ୍ପାଦକ ଚନ୍ଦ୍ରମଣି ବାରିକଙ୍କ ତତ୍ତ୍ୱାବଧାନରେ ଲିଙ୍ଗରାଜନଗରର ରାଧାକୃଷ୍ଣ ମନ୍ଦିରରେ ହେଉଥିଲା। ପରବର୍ତ୍ତୀ ସମୟରେ ଏହା ସଂସଦ ସଭାପତି ବିଷ୍ଣୁ ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ଜ୍ୟୋତି କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର ହୋଇ ରଜ ପାଳନ କରାଯାଉଥିଲା। ଏ ଦିଗରେ କଲ୍ୟାଣ ମଣ୍ଡପର ମାଲିକ ପ୍ରଶାନ୍ତ ଗୁପ୍ତା ସହଯୋଗ କରି ଆସୁଥିଲେ। କାର୍ଯ୍ୟକ୍ରମକୁ ସଭାପତି ପାତ୍ର ଶୁଭାରମ୍ଭ କରିଥିଲେ। ସମ୍ପାଦକ ବାରିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଲୋକନାଥ ମହାନ୍ତି ପରିଚାଳନା କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ବସୁମତୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ୩ ଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ଝୋଟି, ପିଠାପଣା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ୬ଜଣଙ୍କୁ ବସୁମତୀ ସମ୍ମାନ -୨୦୨୨ ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଡା.ରାଜେନ୍ଦ୍ର ପାଢ଼ୀ, ସାହିତ୍ୟିକ ତଥା ଗବେଷକ ପି. ଜଗଦିଶ୍ୱର ରାଓ, ଭବାନୀ ଶଙ୍କର ମିଶ୍ର, ସାମାଜିକ କର୍ମୀ ଉମା ମହେଶ୍ୱର, ପରିବେଶବିତ ଅନିନ୍ଦିତା ଜାନ୍ନି, ସୁସ୍ମିତା ରଥ ପ୍ରମୁଖ ରହିଛନ୍ତି। ପ୍ରେରଣା ଗ୍ରୁପ୍ ନୃତ୍ୟ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବସୁମତୀ ସମ୍ମାନ ପ୍ରଦାନ କରାଯାଇଥିଲା। ମୁରଲୀ ପଟ୍ଟନାୟକ, ଗୁପ୍ତ ପାଣିଗ୍ରାହୀ, ପଞ୍ଚାନନ ମିଶ୍ର, ଯଜ୍ଞେଶ୍ୱର ପଣ୍ଡା, କୃଷ୍ଣଚନ୍ଦ୍ର ହୋତା, ବିଜୁଳି ପାତ୍ର ପ୍ରମୁଖ ମାନପତ୍ର ପାଠ କରିଥିଲେ। ଇଂ.ଅନିଲ ପାଣିଗ୍ରାହୀ, ଡାକ୍ତର ପ୍ରମୋଦିନୀ ହୋତା, ଗୁରୁ କାହ୍ନୁଚରଣ ପ୍ରଧାନ, ବିଜୟ ନାୟକ, କୈଳାସ ସାମନ୍ତରାୟ, ଟୁକୁରୁ ଦାଶ, ରାଜେନ୍ଦ୍ର ଜେନା, ଡାକ୍ତର ମହାଦେବ ଶତପଥୀ, ମନୋଜ ତ୍ରିପାଠୀ, ରାମକୃଷ୍ଣ ସାହୁ, ଅସିତ ରଞ୍ଜନ ବାରିକଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ବସୁମତୀ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି ।

